# NATIONAL NEWS BULLETIN (ODIA)

## 25 October - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ କଲ୍ୟାଣ ପାଇଁ ଅତ୍ୟାଧୁନିକ ଚିକିତ୍ସା କୌଶଳ ଉପଯୋଗ ଉପରେ ଗୁରୁତ୍ୱ ପ୍ରଦାନ କଲେ ରାଷ୍ଟ୍ରପତି ।
- ଉଦ୍ଭାବନ ଏବଂ ପ୍ରଯୁକ୍ତି ବିଦ୍ୟା ସହ ବିଭିନ୍ନ କ୍ଷେତ୍ର ଲାଗି ଭାରତ-ଜର୍ମାନୀ ମଧ୍ୟରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହୋଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ଉପରାଷ୍ଟ୍ରପତି କହିଛନ୍ତି, ବିକଶିତ ଭାରତ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।
- ଝାଡ଼ଖଣ୍ଡ  ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ପାଇଁ ଆଜି ଶେଷ ହୋଇଛି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ।

ଏବଂ

- ଦ୍ୱିତୀୟ ଟେଷ୍ଟରେ ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୫ ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୧୯୮ରନ୍ ।

# ରାଷ୍ଟ୍ରପତି-ଗସ୍ତ

ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ କଲ୍ୟାଣ ପାଇଁ ଅତ୍ୟାଧୁନିକ ଚିକିତ୍ସା କୌଶଳ ଉପଯୋଗ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ରାୟପୁର ଏମସ୍‌ର ଆଜି ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ରାଷ୍ଟ୍ରପତି ଅବହେଳିତ ବର୍ଗଙ୍କ ସେବାକୁ ପ୍ରାଥମିକତା ଦେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ସମାରୋହରେ ଛତିଶଗଡ଼ ରାଜ୍ୟପାଳ ରାମେନ୍ ଡେକା ଏବଂ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଯୋଗଦେଇଥିଲେ । ଛତିଶଗଡ଼କୁ ଦୁଇ ଦିନିଆ ଗସ୍ତ ଅବସରରେ ରାଷ୍ଟ୍ରପତି ଆଜି ଜାତୀୟ ପ୍ରଦ୍ୟୋଗିକ ସଂସ୍ଥା – ଏନ୍.ଆଇ.ଟି. ରାୟପୁରର ୧୪ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଛନ୍ତି । ଏହା ବ୍ୟତୀତ ଆଜି ସନ୍ଧ୍ୟାରେ ନୟା ରାୟପୁରର ପୁରଖୌଟି, ମୁକ୍ତାଙ୍ଗନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମହତରି ବନ୍ଦନ ଯୋଜନାର ନବମ କିସ୍ତିକୁ  ୭୦ ଲକ୍ଷ ମହିଳା ହିତାଧିକାରୀଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ପ୍ରଦାନ କରିବେ । ଏଥିସହ ସେହି ଯୋଜନା ଅନ୍ତର୍ଭୁକ୍ତ  ହିତାଧିକାରୀଙ୍କ ସହ ମଧ୍ୟ ଭାବବିନିମୟ କରିବେ । ଗସ୍ତର ଦ୍ୱିତୀୟ ଦିନରେ ଆସନ୍ତାକାଲି ରାଷ୍ଟ୍ରପତି ଭାରତୀୟ ପ୍ରଯୁକ୍ତି ବିଦ୍ୟା ସଂସ୍ଥାନ ଆଇ.ଆଇ.ଟି. ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ ଓ

ଆୟୁଷ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପ୍ରଧାନମନ୍ତ୍ରୀ

ଭାରତ-ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବିଭିନ୍ନ କ୍ଷେତ୍ର ପାଇଁ ଆଜି ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସବୁଜ ହାଇଡ୍ରୋଜେନ୍‌ଠାରୁ ଆରମ୍ଭ କରି ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ର ଏଥିରେ ଅନ୍ତର୍ଭୁକ୍ତ । ପ୍ରତିନିଧି ସ୍ତରୀୟ ଆଲୋଚନା ପରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜର୍ମାନ୍ ଚାନ୍‌ସେଲର ଓଲାଫ୍ ସୋଲଜ୍‌ଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ଗୁଡ଼ିକ ସ୍ୱାକ୍ଷରିତ ହୋଇଛି । ଉଭୟ ଦେଶ ଗୋପନୀୟ ସୂଚନାର ଆଦାନପ୍ରଦାନ ଏବଂ ପାରସ୍ପରିକ ସୁରକ୍ଷା ଉପରେ ସହମତ ହୋଇଛନ୍ତି ।

ଅପରାଧିକ ମାମଲାରେ ପାରସ୍ପରିକ ଆଇନ୍‌ଗତ ସହାୟତା ଲକ୍ଷ୍ୟରେ ଉଭୟ ଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଉଦ୍ଭାବନ, ପ୍ରଯୁକ୍ତିବିଦ୍ୟା, ସବୁଜ ହାଇଡ୍ରୋଜେନ୍, ଦକ୍ଷତା ବିକାଶ, ଧନ୍ଦାମୂଳକ ଶିକ୍ଷା ଏବଂ ତାଲିମ୍ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲକ୍ଷ୍ୟରେ ଦୁଇ ଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏକ ମିଳିତ ପ୍ରେସ୍ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରୁଷ-ୟୁକ୍ରେନ୍ ଏବଂ ପଶ୍ଚିମ

ଏସିଆରେ ଚାଲିଥିବା ସଂଘର୍ଷକୁ ବନ୍ଦ କରି ଶାନ୍ତି ଫେରାଇ ଆଣିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଯୁଦ୍ଧ ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି ।

ଭାରତ ଏବଂ ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଦ୍ଭାବନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ସ୍ଥିର ହୋଇଛି । ଅନ୍ୟ କ୍ଷେତ୍ର ଗୁଡ଼ିକରେ ସହଯୋଗ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ମିଳିତ ଜାତିସଂଘ ନିରାପତ୍ତା ପରିଷଦ ସମେତ ବହୁପକ୍ଷିୟ ଅନୁଷ୍ଠାନ ଗୁଡ଼ିକରେ ସଂସ୍କରର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

ଜର୍ମାନ୍ ଚାନ୍ସେଲର ଓଲାଫ୍ ସୋଲଜ୍ କହିଛନ୍ତି, ଉଭୟ ଦେଶ ନବସୃଜନ, ଗତିଶୀଳତା ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ଅଗ୍ରସର ହେଉଛନ୍ତି । ୟୁରୋପୀୟ ସଂଘରେ ଜର୍ମାନୀ ଭାରତର ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ସହଯୋଗୀ ପାଲଟିଛି ବୋଲି ସେ କହିଛନ୍ତି । ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗକୁ ଅଧିକ ସୁଦୃଢ଼ କରିବାକୁ ଜର୍ମାନୀ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ଉଭୟ ନେତା ନୂଆଦିଲ୍ଲୀର ହାଇଦ୍ରାବାଦ୍ ହାଉସ୍‌ରେ ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଫୋରମ୍‌ରେ

ଯୋଗ ଦେଇଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଭାଗିଦାରୀ ବୃଦ୍ଧି ପାଇଁ 'ବି ଟୁ ବି' ଆଧାରରେ  ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ସୂଚନା ଯୋଗ୍ୟ ୩ ଦିନିଆ ଭାରତ ଗସ୍ତରେ ଆସି ଜର୍ମାନ୍ ଚାନ୍ସେଲର ଶ୍ରୀ ସୋଲଜ୍ ଗତକାଲି ରାତିରେ ନୂଆଦିଲ୍ଲୀ ଠାରେ ପହଞ୍ଚିଥିଲେ ।

## ଧନଖଡ଼-ଗସ୍ତ-କର୍ଣ୍ଣାଟକ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ବିକଶିତ ଭାରତ ଗଠନରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କର୍ଣ୍ଣାଟକର ମାଣ୍ଡ୍ୟା ସ୍ଥିତ ଆଦିଚୁଞ୍ଚନଗିରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ ବେଳେ ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି, ଆଧ୍ୟାତ୍ମିକ ସଂସ୍ଥା ଏବଂ ଶିକ୍ଷା କ୍ଷେତ୍ରକୁ ମିଳିତ ଭାବେ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିବା ଏବଂ ଦେଶ ଗଠନରେ ଯୁବବର୍ଗଙ୍କୁ ସାମିଲ କରିବା କ୍ଷେତ୍ରରେ ଆଦିଚୁଞ୍ଚନଗିରି ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବାରେ ଯୁବବର୍ଗଙ୍କର ଯଥେଷ୍ଟ ଭୂମିକା ରହିଛି ବୋଲି ଉପରାଷ୍ଟ୍ରପତି

କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବଗୌଡ଼ା, ନିର୍ମଳାନନ୍ଦ ସ୍ୱାମୀଜୀ ପ୍ରମୁଖ ଯୋଗ ଦେଇଥିଲେ ।

ସୂଚନା ଯୋଗ୍ୟ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ କର୍ଣ୍ଣାଟକକୁ ଦୁଇଦିନିଆ ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଉପରାଷ୍ଟ୍ରପତି ବେଙ୍ଗାଲୁରୁ ଠାରେ ଅନୁଷ୍ଠିତ ହେବାକୁ ଥିବା ସନ୍ନ୍ୟାସ ସୁବର୍ଣ୍ଣ ମହୋତ୍ସବରେ ଯୋଗଦେବେ ।

## ଝାଡ଼ଖଣ୍ଡ-ନୋମିନେସନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି । ଆସନ୍ତାମାସ ୧୩ ତାରିଖରେ ଏହି ପର୍ଯ୍ୟାୟରେ ୪୩ଟି ଆସନରେ ମତଗ୍ରହଣ କରାଯିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍ ସରେଇକେଲା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏ.ଜେ.ଏସ୍.ୟୁ. ମୁଖ୍ୟ ସୁଦେଶ କୁମାର ମାହତୋ ସିଲିରୁ, ପୂର୍ବତନ ମନ୍ତ୍ରୀ ରାଧାକୃଷ୍ଣ କିଶୋର ଛତରପୁର ଆସନରୁ, ଜେ.ଏମ୍.ଏମ୍.ର ଯୋଗେନ୍ଦ୍ର ପ୍ରସାଦ ମାହତୋ ଗୋମିଆ ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତା ସୋମବାର ଦିନ ନାମାଙ୍କପତ୍ର ଗୁଡ଼ିକର ଯାଞ୍ଚ କରାଯିବ । ୩୦ ତାରିଖ ସୁଦ୍ଧା ନାମାଙ୍କପତ୍ର ପ୍ରତ୍ୟାହାର ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି ।

ଅନ୍ୟ ପକ୍ଷରେ ନିର୍ବାଚନ ଘୋଷଣା ହେବା ପରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ୨୭ କୋଟିରୁ ଅଧିକ ଟଙ୍କାର ବେଆଇନ୍ ସାମଗ୍ରୀ ଏବଂ ନଗଦ ଟଙ୍କା ଜବତ କରାଯାଇଛି । ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ୧୪ଟି ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍‌ର ୧୧୫ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Strim ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରିତ ହେବ ।

# ବାତ୍ୟା ଦାନା

ସାମୁଦ୍ରିକ ଝଡ଼ ଦାନା ଦୁର୍ବଳ ହୋଇ ଗଭୀର ଅବପାତରେ ପରିଣତ ହୋଇଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଗତ ୬ ଘଣ୍ଟା ହେବ ଏହା ଘଣ୍ଟା ପ୍ରତି ୧୦ କିଲୋମିଟର ବେଗରେ ଗତି କରୁଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଆକାଶମାର୍ଗରୁ ବାତ୍ୟା ପ୍ରଭାବିତ ଅଞ୍ଚଳ ଅନୁଧ୍ୟାନ କରିବାର କାର୍ଯ୍ୟସୂଚୀ ରହିଛି । ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ଶ୍ରୀ ମାଝୀ ଆଜି ଝଡ଼ର ସ୍ଥିତି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରି କ୍ଷୟକ୍ଷତି ଆକଳନ ପାଇଁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।

# ପୀୟୂଷ ଗୋୟଲ

ଡିଜିଟାଲ୍ ଏବଂ ସାମାଜିକ ଭିତ୍ତିଭୂମି କ୍ଷେତ୍ରରେ ଭାରତର ଦକ୍ଷତା ଓ ପ୍ରିସିସନ୍ ଇଞ୍ଜିନିୟରିଂରେ ଜର୍ମାନୀର ଦକ୍ଷତା ମିଳିତ ଭାବେ ବିଶ୍ୱ ପାଇଁ କିଛି ନୂତନତ୍ୱ ସୃଷ୍ଟି କରିପାରିବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ

ଗୋୟଲ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଜର୍ମାନ୍ ବ୍ୟବସାୟର ୧୮ତମ ଏସୀୟ-ପ୍ରଶାନ୍ତ ମହାସାଗରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଗୋୟଲ୍ ଏହା କହିଛନ୍ତି । ସେ କହିଛନ୍ତି, ବ୍ୟବସାୟର ଭବିଷ୍ୟତ ପାଇଁ ସଂସ୍କାର, ସ୍ଥିରତା ଏବଂ ପ୍ରସ୍ତୁତି ଜରୁରୀ । ଭାରତ ଓ ଜର୍ମାନୀ ମଧ୍ୟରେ ସହଭାଗିତା କୃତ୍ରିମ ବୁଦ୍ଧିମତା ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିପାରିବ ।

## ଜେକେ ଟେରୋରିଷ୍ଟ ଆଟାକ୍

ଉତ୍ତର ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ୍ ଏମ୍.ଭି. ସୁଚିନ୍ଦ୍ର କୁମାର କହିଛନ୍ତି, ଜାମ୍ମୁ କାଶ୍ମୀରରେ ଶାନ୍ତି, ସମୃଦ୍ଧି ଏବଂ ସୁରକ୍ଷା ପରିସ୍ଥିତି ସେନା ଏବଂ ଅନ୍ୟ ସୁରକ୍ଷା ଏଜେନ୍ସି ଗୁଡ଼ିକ ମଧ୍ୟରେ ମିଳିତ ସହଯୋଗର ପରିଣାମ । କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ସେ କହିଛନ୍ତି, ଶ୍ରୀନଗର ଠାରେ ଗତକାଲି ଏ ନେଇ ଆଲୋଚନା ହେବା ସହ ରଣନୀତି ପ୍ରସ୍ତୁତ କରାଯାଇଛି । ଆତଙ୍କବାଦକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ସହ ଯୁବବର୍ଗ ଏବଂ ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଜାମ୍ମୁ କାଶ୍ମୀରରେ ଶିକ୍ଷା ଏବଂ କ୍ରୀଡ଼ା ଆଦି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରାଯିବା ସହ ସାଂସ୍କୃତିକ ସମୃଦ୍ଧିକୁ ପୁନର୍ଜୀବିତ

କରିବା ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହୋଇଛି । ଗତ ୫ ବର୍ଷ ମଧ୍ୟରେ ଜାମ୍ମୁ କାଶ୍ମୀରରେ ୭୨୦ ଆତଙ୍କବାଦୀଙ୍କୁ ସୁରକ୍ଷା ବାହିନୀ ନିଷ୍କ୍ରିୟ କରିଛନ୍ତି । ନିୟନ୍ତ୍ରଣ ରେଖାରେ ଅନୁପ୍ରବେଶକୁ ରୋକିବା ଲାଗି ୬୦୦ରୁ ଅଧିକ ଗ୍ରାମ ସୁରକ୍ଷା ଗୋଷ୍ଠୀ ପ୍ରତିଷ୍ଠା କରାଯାଇଛି । ସେମାନଙ୍କୁ ପ୍ରଶିକ୍ଷଣ ସହିତ ୧୦ ହଜାର ଆଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି ବୋଲି ଶ୍ରୀ କୁମାର ସୂଚନା ଦେଇଛନ୍ତି ।

# କ୍ରିକେଟ୍

ପୁଣେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍ ଠାରେ ଚାଲିଥିବା ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟର ଆଜି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ତାର ଦ୍ୱିତୀୟ ଇନିଂସରେ ୫ ଓ୍ୱିକେଟ୍ ବିନିମୟରେ ୧୯୮ରନ୍ ସଂଗ୍ରହ କରିଛି । ଏଥିସହ ନ୍ୟୁଜିଲାଣ୍ଡ ଏବେ ଭାରତ ଠାରୁ ୩୦୧ରନ୍ ଆଗୁଆ ରହିଛି ।

ଭାରତ ତାର ପ୍ରଥମ ଇନିଂସରେ ୧୫୬ରନ୍ କରିବାକୁ ସକ୍ଷମ ହୋଇଥିଲା । ନ୍ୟୁଜିଲାଣ୍ଡ ପକ୍ଷରୁ ସ୍ପିନ୍ ବୋଲର ମିଚେଲ୍ ସାଣ୍ଟେନର୍ ୭ଟି ଓ୍ୱିକେଟ୍ ହାସଲ କରି ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୨୫୯ରନ୍ ସଂଗ୍ରହ କରିଥିଲା । ଫଳରେ ୧୦୩ରନ୍‌ର ଅଗ୍ରଣୀ ସହ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ

କରିଥିଲା । ଏହି ତିନିଟିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ବେଙ୍ଗାଲୁରୁ ଟେଷ୍ଟକୁ ୮ ଓ୍ୱିକେଟ୍‌ରେ ଜିତି ୧-୦ରେ ଆଗୁଆ ରହିଛି ।